# ଭାରତର ସଂବିଧାନ

## ପଞ୍ଚମ ଅନୁସୂଚୀ

[ଦ୍ରଷ୍ଟବ୍ୟ: ଧାରା ୨୪୪(୧)]

### ଅନୁସୂଚୀତ ଅଞ୍ଚଳସମୂହ ଏବଂ ଅନୁସୂଚୀତ ଜନଜାତିସମୂହଙ୍କ ପ୍ରଶାସନ ଓ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାମାନ

### ଭାଗ-ଏ

### ସାଧାରଣ

୧. **ବ୍ୟାଖ୍ୟା-** ପରିପ୍ରେକ୍ଷୀ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଅନୁସୂଚୀରେ 'ରାଜ୍ୟ' ଶବ୍ଦ ଭିତରେ ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମ ରାଜ୍ୟଗୁଡିକ ଅନ୍ତର୍ଭୁକ୍ତ ହେବ ନାହିଁ।

୨. **ଅନୁସୂଚୀତ ଅଞ୍ଚଳଗୁଡିକରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା-** ଏହି ଅନୁସୂଚୀ ଅନ୍ତର୍ଗତ ବ୍ୟବସ୍ଥାସମୂହ ଅଧୀନରେ ରହି, ଗୋଟିଏ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ସେହି ରାଜ୍ୟରେ ଥିବା ଅନୁସୂଚୀତ ଅଞ୍ଚଳଗୁଡିକ ପ୍ରତି ବିସ୍ତାରିତ ହେବ।

୩. **ଅନୁସୂଚୀତ ଅଞ୍ଚଳଗୁଡିକର ପ୍ରଶାସନ ସଂବନ୍ଧରେ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କୁ ରିପୋର୍ଟ-** ଯେଉଁସବୁ ରାଜ୍ୟରେ ଅନୁସୂଚୀତ ଅଞ୍ଚଳମାନ ଥାଏ, ସେହିଭଳି ପ୍ରତି ରାଜ୍ୟର ରାଜ୍ୟପାଳ ବର୍ଷକୁ ଥରେ ଅଥବା ରାଷ୍ଟ୍ରପ୍ରତି ଯେବେ ଚାହିଁବେ, ସେତେବେଳେ ତାଙ୍କୁ ଉକ୍ତ ରାଜ୍ୟରେ ଥିବା ଅନୁସୂଚୀତ ଅଞ୍ଚଳଗୁଡିକର ପ୍ରଶାସନ ସଂବନ୍ଧରେ ରିପୋର୍ଟ ଦାଖଲ କରିବେ ଏବଂ କେନ୍ଦ୍ରର କାର୍ଯ୍ୟନିର୍ବାହୀ କ୍ଷମତା ଭିତରେ ସେହିସବୁ ଅଞ୍ଚଳଗୁଡିକର ପ୍ରଶାସନ ସଂବନ୍ଧରେ ନିର୍ଦ୍ଦେଶନାମା ଜାରି କରିବା ପରିସରଭୁକ୍ତ ହେବ।

### ଭାଗ- ବି

### ଅନୁସୂଚୀତ ଅଞ୍ଚଳସମୂହ ଏବଂ ଅନୁସୂଚୀତ ଜନଜାତିସମୂହଙ୍କ ପ୍ରଶାସନ ଓ ନିୟନ୍ତ୍ରଣ

୪. **ଜନଜାତି ଉପଦେଷ୍ଟା ପରିଷଦ-**

(୧) ଯେଉଁସବୁ ରାଜ୍ୟରେ ଅନୁସୂଚୀତ ଅଞ୍ଚଳମାନ ଥାଏ, ସେହିଭଳି ପ୍ରତି ରାଜ୍ୟରେ, ଏବଂ ଯଦି ରାଷ୍ଟ୍ରପତି ନିର୍ଦ୍ଦେଶ ଦିଅନ୍ତି ତେବେ ଅନୁସୂଚୀତ ଜନଜାତି ଥିବା କିନ୍ତୁ ଅନୁସୂଚୀତ ଅଞ୍ଚଳ ନଥିବା କୌଣସି ଏକ ରାଜ୍ୟରେ କୋଡିଏରୁ ଅନଧିକ ସଭ୍ୟବିଶିଷ୍ଟ ଗୋଟିଏ ଜନଜାତି ଉପଦେଷ୍ଟା ପରିଷଦ ସ୍ଥାପିତ ହେବ, ଯେଉଁଥିରେ ଯଥାସମ୍ଭବ ପାଖାପାଖି ତିନି-ଚତୁର୍ଥାଂଶ ସଭ୍ୟପଦ ଗ୍ରହଣ କରିବେ ରାଜ୍ୟ ବିଧାନସଭାରେ ଥିବା ଅନୁସୂଚୀତ ଜନଜାତିମାନଙ୍କର ପ୍ରତିନିଧିସମୂହ :

ପରନ୍ତୁ ଯଦି ସେହି ରାଜ୍ୟର ବିଧାନସଭାରେ ଅନୁସୂଚୀତ ଜନଜାତିଙ୍କର ପ୍ରତିନିଧିମାନଙ୍କ ସଂଖ୍ୟା ଏପରି ପ୍ରତିନିଧିମାନଙ୍କ ଦ୍ୱାରା ଜନଜାତି ଉପଦେଷ୍ଟା ପରିଷଦରେ ପୂରଣ ହେବାକୁ ଥିବା ସ୍ଥାନସଂଖ୍ୟା ଠାରୁ କମ୍ ହୋଇଥାଏ, ତେବେ ଅବଶିଷ୍ଟ ସ୍ଥାନ ସେହି ଜନଜାତିସମୂହର ଅନ୍ୟ ପ୍ରତିନିଧିମାନଙ୍କ ଦ୍ୱାରା ପୂରଣ କରାଯିବ।

(୨) ଜନଜାତିମାନଙ୍କର କଲ୍ୟାଣ ଓ ବିକାଶ ସଂବନ୍ଧରେ ଯେଉଁସବୁ ବିଷୟ ରାଜ୍ୟପାଳଙ୍କ ଦ୍ୱାରା ସୂଚୀତ ହେବ, ସେପରି ବିଷୟଗୁଡିକ ଉପରେ ପରାମର୍ଶ ଦେବା ଜନଜାତି ଉପଦେଷ୍ଟା ପରିଷଦର କର୍ତ୍ତବ୍ୟ ହେବ।

(୩) ରାଜ୍ୟପାଳ ନିମ୍ନୋକ୍ତ ବିଷୟଗୁଡିକ ଉପରେ ଯଥାସ୍ଥିତି ବିହିତ କରିପାରନ୍ତି ଅଥବା ବିନିୟମ ଜାରି କରିପାରନ୍ତି-

- (ଏ) ପରିଷଦର ସଭ୍ୟସଂଖ୍ୟା, ସେମାନଙ୍କୁ ତଥା ପରିଷଦର ଅଧ୍ୟକ୍ଷ ଏବଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାର ପଦ୍ଧତି ;
- (ବି) ଏହାର ବୈଠକଗୁଡିକର ସଂଚାଳନ ଏବଂ ଏହାର ସାଧାରଣ କାର୍ଯ୍ୟବିଧି; ଏବଂ
- (ସି) ଅନ୍ୟସବୁ ଆନୁଷଙ୍ଗିକ ବିଷୟ।

**୫.	ଅନୁସୂଚୀତ ଅଞ୍ଚଳଗୁଡିକ କ୍ଷେତ୍ରରେ ପ୍ରଯୁଜ୍ୟ ଆଇନ୍-**

(୧) ଏହି ସଂବିଧାନରେ ଯାହା କିଛି ଥାଉନା କାହିଁକି, ରାଜ୍ୟପାଳ ସର୍ବସାଧାରଣ ବିଜ୍ଞପ୍ତି ବଳରେ ନିର୍ଦ୍ଦେଶ ଦେଇପାରିବେ ଯେ, ସଂସଦର ବା ଗୋଟିଏ ରାଜ୍ୟର ଆଇନ୍‌ସଭାର କୌଣସି ଏକ ନିର୍ଦ୍ଦିଷ୍ଟ ଆଇନ୍ ସେହି ରାଜ୍ୟରେ ଥିବା ଏକ ଅନୁସୂଚୀତ ଅଞ୍ଚଳ ବା ତହିଁର କୌଣସି ଏକ ଅଂଶବିଶେଷ ପ୍ରତି ଲାଗୁ ହେବ ନାହିଁ, ଅଥବା ଏକ ଅନୁସୂଚୀତ ଅଞ୍ଚଳ ବା ତହିଁର କୌଣସି ଏକ ଅଂଶବିଶେଷ ପ୍ରତି ତାହା ଲାଗୁ ହେବ ସେହିସବୁ ସଂଶୋଧନ ଏବଂ ବ୍ୟତିକ୍ରମ ସହିତ, ଯାହାକି ସେ ଉକ୍ତ ବିଜ୍ଞପ୍ତିରେ ବିନିର୍ଦ୍ଦିଷ୍ଟ କରିଥିବେ ଏବଂ ଏହି ଉପ-ଅନୁଚ୍ଛେଦ ଅଧୀନରେ ଘୋଷିତ ଯେ କୌଣସି ନିର୍ଦ୍ଦେଶନାମାକୁ ଏପରି ଜାରି କରାଯାଇପାରେ, ଯାହା ଫଳରେ ପିଛିଲା ଅବଧିରୁ ତାହା ପ୍ରଭାବ ବହନ କରିବ ।

(୨) ବର୍ତ୍ତମାନ ସ୍ଥିତିରେ ଅନୁସୂଚୀତ ଅଞ୍ଚଳ ହୋଇଥିବା ରାଜ୍ୟର ଯେ କୌଣସି ଅଞ୍ଚଳର ଶାନ୍ତି ଓ ସୁଶାସନ ପାଇଁ ରାଜ୍ୟପାଳ ବିନିୟମସମୂହ ପ୍ରଣୟନ କରିପାରନ୍ତି ।
ବିଶେଷତଃ ଏବଂ ପୂର୍ବସୂଚୀତ କ୍ଷମତାର ସାର୍ବିକତାକୁ କ୍ଷୁର୍ଣ୍ଣ ନକରି ଏହିସବୁ ବିନିୟମ ନିମ୍ନ ମତେ ଉଦ୍ଦିଷ୍ଟ ହୋଇପାରେ –

(ଏ) ଏପରି ଅଞ୍ଚଳରେ ଅନୁସୂଚୀତ ଜନଜାତିର ସଦସ୍ୟମାନଙ୍କ ଦ୍ୱାରା ବା ଭିତରେ ଜମିର ହସ୍ତାନ୍ତରଣକୁ ନିଷିଦ୍ଧ ବା ସଂକୁଚିତ କରିବା;
(ବି) ଏପରି ଅଞ୍ଚଳରେ ଅନୁସୂଚୀତ ଜନଜାତିର ସଦସ୍ୟମାନଙ୍କୁ ଜମିର ଆବଣ୍ଟନକୁ ବିନିୟମିତ କରିବା;
(ସି) ଏପରି ଅଞ୍ଚଳରେ ଅନୁସୂଚୀତ ଜନଜାତିର ସଦସ୍ୟମାନଙ୍କୁ କରଜ ଦେଉଥିବା ବ୍ୟକ୍ତିମାନେ ଚଳାଇ ରଖିଥିବା ଅର୍ଥରଣ କାରବାର ଉପରେ ବିନିୟମ ଜାରି କରିବା ।

(୩) ଏହି ଅନୁଚ୍ଛେଦର ଉପ-ଅନୁଚ୍ଛେଦ (୨)ରେ ଯେଉଁ ପ୍ରକାର ବିନିୟମ ବିଷୟରେ ସୂଚୀତ କରାଗଲା, ତହିଁର ପ୍ରଣୟନ କରିବାକୁ ଯାଇ ରାଜ୍ୟପାଳ ସଂପୃକ୍ତ ଅଞ୍ଚଳ ପାଇଁ ସଂପ୍ରତି ପ୍ରଯୁଜ୍ୟ ଥିବା ସଂସଦ ବା ରାଜ୍ୟ ଆଇନ୍‌ସଭାର କୌଣସି ଆଇନ୍ ଅଥବା କୌଣସି ପ୍ରଚଳିତ ଆଇନ୍‌କୁ ପ୍ରତ୍ୟାହାର ବା ସଂଶୋଧନ କରିପାରନ୍ତି ।

(୪) ଏହି ଅନୁଚ୍ଛେଦ ଅଧୀନରେ ପ୍ରଣୀତ ହୋଇଥିବା ସମସ୍ତ ବିନିୟମକୁ ତତ୍‌କ୍ଷଣାତ୍ ରାଷ୍ଟ୍ରପ୍ରତିଙ୍କ ନିକଟରେ ଦାଖଲ କରାଯିବ ଏବଂ ତାଙ୍କର ସମ୍ମତି ନମିଳିବା ଯାଏ ତାହା କୌଣସି ପ୍ରଭାବ ବହନ କରିବ ନାହିଁ ।

(୫) ଯେଉଁସ୍ଥଳେ ଏକ ରାଜ୍ୟରେ ଗୋଟିଏ ଜନଜାତି ଉପଦେଷ୍ଟା ପରିଷଦ ଥିବ, ସେପରି ସ୍ଥଳେ ବିନିୟମ ପ୍ରଣୟନ କରୁଥିବା ରାଜ୍ୟପାଳ ଉକ୍ତ ପରିଷଦ ସହିତ ପରାମର୍ଶ କରିନଥିଲେ ଏହି ଅନୁଚ୍ଛେଦ ଅଧୀନରେ କୌଣସି ବିନିୟମ ପ୍ରଣୀତ ହୋଇପାରିବ ନାହିଁ ।

## ଭାଗ- ସି

## ଅନୁସୂଚୀତ ଅଞ୍ଚଳସମୂହ

**୬.	ଅନୁସୂଚୀତ ଅଞ୍ଚଳସମୂହ-**

(୧) ଏହି ସମ୍ବିଧାନରେ 'ଅନୁସୂଚୀତ ଅଞ୍ଚଳସମୂହ' ଉକ୍ତିର ଅର୍ଥ ହେଉଛି ସେହିସବୁ ଅଞ୍ଚଳ, ଯାହାକୁ ରାଷ୍ଟ୍ରପତି ଅନୁସୂଚୀତ ଅଞ୍ଚଳସମୂହ ବୋଲି ଆଦେଶ ବଳରେ ଘୋଷଣା କରିପାରନ୍ତି ।

(୨) ରାଷ୍ଟ୍ରପତି ନିମ୍ନମତେ ଆଦେଶ ଜାରି କରିପାରନ୍ତି-

(ଏ) ଏକ ଅନୁସୂଚୀତ ଅଞ୍ଚଳ ସଂପୂର୍ଣ୍ଣ ଭାବେ ବା ଏହାର ଏକ ବିନିର୍ଦ୍ଦିଷ୍ଟ ଅଂଶ ଅନୁସୂଚୀତ ଅଞ୍ଚଳ ଭାବେ ଅଥବା ତହିଁର ଏକ ଅଂଶ ଭାବେ ନିଜର ସ୍ଥିତି ହରାଇବ ;

(ଏଏ) ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ସହ ପରାମର୍ଶ କଲାପରେ ସେହି ରାଜ୍ୟର ଏକ ଅନୁସୂଚୀତ ଅଞ୍ଚଳର ପରିସରକୁ ବୃଦ୍ଧି ଘଟାଇପାରିବେ;

(ବି) କେବଳ ସୀମାରେଖାଗୁଡିକର ସଂଶୋଧନ ଉଦ୍ଦେଶ୍ୟରେ କୌଣସି ଅନୁସୂଚୀତ ଅଞ୍ଚଳର ପରିସୀମାରେ ଅଦଳବଦଳ କରିପାରିବେ;

(ସି) ଗୋଟିଏ ରାଜ୍ୟର ସୀମାରେଖାଗୁଡିକର ପରିବର୍ତ୍ତନ ଘଟିଲେ ଅଥବା କୌଣସି ନୂତନ ରାଜ୍ୟ ସଂଘରେ ପ୍ରବେଶ କଲେ ବା ପ୍ରତିଷ୍ଠା ଲାଭ କଲେ, ଯେଉଁ ଇଲାକା ପୂର୍ବେ କୌଣସି ରାଜ୍ୟରେ ଅନ୍ତର୍ଭୁକ୍ତ ନଥିବ, ତାହାକୁ ଏକ ଅନୁସୂଚୀତ ଅଞ୍ଚଳ ଭାବେ ବା ଏପରି ଅଞ୍ଚଳର ଏକ ଅଂଶବିଶେଷ ଭାବେ ଘୋଷଣା କରିପାରିବେ ;

(ଡି) ଏହି ଅନୁଚ୍ଛେଦ ଅଧୀନରେ କୌଣସି ରାଜ୍ୟ ବା ରାଜ୍ୟମାନଙ୍କ ସମ୍ବନ୍ଧରେ ଜାରି ହୋଇଥିବା କୌଣସି ଆଦେଶ ବା ଆଦେଶସମୂହକୁ ରଦ୍ଦ କରି ଦେଇପାରିବେ, ଏବଂ ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ସହ ପରାମର୍ଶ କରି ଯେଉଁସବୁ ଅଞ୍ଚଳ ଅନୁସୂଚୀତ ଅଞ୍ଚଳ ଭାବେ ଚିହ୍ନିତ ହେବାକୁ ଥିବ, ସେହି ଅଞ୍ଚଳସମୂହର ପୁନଃନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ସଦ୍ୟ ଆଦେଶମାନ ଜାରି କରିପାରିବେ ;

ଏବଂ ଏପରି ଗୋଟିଏ ଆଦେଶରେ ସେହିସବୁ ଆନୁଷଙ୍ଗିକ ଓ ପରିଣାମ-ସାପେକ୍ଷ ବ୍ୟବସ୍ଥାମାନ ସ୍ଥାନିତ ହୋଇପାରେ, ଯାହାକି ରାଷ୍ଟ୍ରପତିଙ୍କୁ ଆବଶ୍ୟକ ଓ ସମୁଚିତ ମନେ ହେବ, କିନ୍ତୁ ଉପରୋକ୍ତ ରୀତି ବ୍ୟତିରେକ, ଏହି ଅନୁଚ୍ଛେଦ ଅନ୍ତର୍ଗତ ଉପ-ଅନୁଚ୍ଛେଦ (୧) ଅଧୀନରେ ଜାରି କରାଯାଇଥିବା ଏକ ଆଦେଶକୁ କୌଣସି ପରବର୍ତ୍ତୀ ଆଦେଶ ଦ୍ୱାରା ପରିବର୍ତ୍ତନ କରାଯିବ ନାହିଁ ।

## ଭାଗ- ଡି
## ଅନୁସୂଚୀର ସଂଶୋଧନ

**୭. ଅନୁସୂଚୀର ସଂଶୋଧନ-**

(୧) ସଂସଦ ସମୟାନ୍ତରରେ ଆଇନ୍ ଦ୍ୱାରା ମିଶ୍ରଣ, ପରିବର୍ତ୍ତନ ବା ପ୍ରତ୍ୟାହାର ରୂପରେ ଏହି ଅନୁସୂଚୀର ଯେ କୌଣସି ବ୍ୟବସ୍ଥାକୁ ସଂଶୋଧନ କରିପାରନ୍ତି, ଏବଂ ଯେତେବେଳେ ଏହି ଅନୁସୂଚୀ ତଦନୁଯାୟୀ ସଂଶୋଧିତ ହେବ, ଏହି ସଂବିଧାନରେ ଏହି ଅନୁସୂଚୀ ବିଷୟ ସୂଚୀତ ହେବା ମାତ୍ରେ, ତାହାକୁ ଉପରୋକ୍ତ ମତେ ସଂଶୋଧିତ ହୋଇଥିବା ଅନୁସୂଚୀ ରୂପେ ବିବେଚନା କରାଯିବ ।

(୨) ଏହି ଅନୁଚ୍ଛେଦ ଅନ୍ତର୍ଗତ ଉପ-ଅନୁଚ୍ଛେଦ (୧) ଅଧୀନରେ ସୂଚୀତ ହୋଇଥିବା ମତେ କୌଣସି ଆଇନ୍‌କୁ ଧାରା-୩୬୮ ର ଉଦ୍ଦେଶ୍ୟାର୍ଥେ ଏହି ସଂବିଧାନର ଏକ ସଂଶୋଧନ ବୋଲି ବିବେଚନା କରାଯିବ ନାହିଁ ।

-----------------------------

*(Translated from English text by Chitta Behera, 4A Jubilee Tower, Choudhury Bazar, Cuttack-753009, Mobile- 9437577546, Email: chittabehera1@yahoo.co.in, 6 Feb 2011)*